# ODM PUBLIC SCHOOL

ODM EDUCATIONAL GROUP

**CLASS :3**

**SUBJECT : ODIA**

**CHAPTER NUMBER: 06**

**CHAPTER NAME : ହାତୀ ମାନିଲା ଏଣ୍ଡୁଅ କଥା**

**SUBTOPIC : ଅଭ୍ୟାସ-୪ ,୫ ,୬ ଓ ୭**

CHANGING YOUR TOMORROW

Website: www.odmegroup.org
Email: info@odmps.org
Toll Free: **1800 120 2316**
Sishu Vihar, Infocity Road, Patia, Bhubaneswar- 751024

# ହାତୀ ମାନିଲା ଏଣ୍ଡୁଅ  କଥା

ODM EDUCATIONAL GROUP









ହାତୀ ଆସୁଥିଲା ଶୁଣ୍ଢ ହଲାଇ
ମେଣ୍ଢାପଲ ଦେଖି ଗଲେ ପଳାଇ
ନଈରେ ପଶିଲା ହାତୀ,
ଶୁଣ୍ଢରେ ତାହାର ପିଚିକାରୀ ମାରି
ପାଣିଖେଳେ ଗଲା ମାତି ।



ODM EDUCATIONAL GROUP



ହାତୀର ଖେଳକୁ ଏଣ୍ଡୁଅ ଦେଖି
କହିଲା ତାହାକୁ ତରାଟି ଆଖି
ଅସନା କରୁଛ ପାଣି,
ଜୀବନ ପାଇଁକି ବିପଦକୁ ତୁମେ
ଡାକୁଅଛ ଜାଣି ଜାଣି ।

ଶୁଣ୍ଢକୁ ଉଠାଇ ମୁଣ୍ଡ ହଲାଇ
ହାତୀ ପଚାରିଲା ଏଣ୍ଡୁଅଭାଇ
କହିଲ କହିଲ ମୋତେ,
ଜୀବନପାଇଁ ମୁଁ କେଉଁ ବିପଦକୁ
ଡାକି ଆଣୁଅଛି ସତେ ?



ଏଣ୍ଡୁଅ କହିଲା, ହେ ହାତୀଭାଇ
ମୁଣ୍ଡରେ କି ତୁମ ଅକଲ ନାହିଁ ?
ଦୂଷିତ ହୋଇଲେ ଜଳ,
ଜ୍ୱର, ଝାଡ଼ା, କାଛୁ କୁଣ୍ଡିଆ ରୋଗରେ
ଲୋକେ ହେବେ କଲବଲ ।

ମୁଣ୍ଡକୁ ହଲାଇ କହିଲା ହାତୀ,
ଏଣ୍ଡୁଅଭାଇ ତୁ ମୋହର ସାଥୀ
ମାନୁଛି ତୋହର କଥା,
ସାନ ଦେହ ସିନା ବଡ଼ବଡ଼ କଥା
ସାଇତିଛି ତୋର ମଥା ।

# ଅଭ୍ୟାସ -୪ ପଠିତ ଗୀତରୁ କୁହ ।

ODM EDUCATIONAL GROUP

 କ –ହାତୀ କିପରି ଆସୁଥିଲା ?

ଖ –ଏଣ୍ଡୁଅ  ହାତୀକୁ କି ଉପଦେଶ ଦେଲା ?

ଗ –ଦୂଷିତ ଜଳରୁ କେଉଁ ସବୁ ରୋଗ ହୁଏ ?

ଘ –ଏଣ୍ଡୁଅର ଉପଦେଶ ଶୁଣି ହାତୀ  କଣ କହିଲା ?

# ଅଭ୍ୟାସ -୪ ପଠିତ ଗୀତରୁ କୁହ ।

ODM EDUCATIONAL GROUP

**କ –ହାତୀ କିପରି ଆସୁଥିଲା ?**

ଉ –ହାତୀ ତାର ଶୁଣ୍ଢ ହଲାଇ ହଲାଇ ଆସୁଥିଲା ।

**ଖ –ଏଣ୍ଡୁଅ  ହାତୀକୁ କି ଉପଦେଶ ଦେଲା ?**

ଉ  –ଏଣ୍ଡୁଅ ହାତୀ କୁ ଉପଦେଶ ଦେଇ କହିଲା –ହାତୀ ଭାଇ ଜଳ ଦୂଷିତ କରନାହିଁ ।ଜଳ ଦୂଷିତ ହେଲେ ଲୋକମାନେ ହଇରାଣ ହେବେ ଏବଂ ବିଭିନ୍ନ ରୋଗରେ ଆକ୍ରାନ୍ତ ହେବେ ।

**ଗ –ଦୂଷିତ ଜଳରୁ କେଉଁ ସବୁ ରୋଗ ହୁଏ ?**

ଉ -ଦୂଷିତ ଜଳରୁ □□□ର ,ଝାଡା ,ବାନ୍ତି ,କାଛୁକୁଣ୍ଡିଆ ,ଯାଦୁ ଆଦି ରୋଗ ହୁଏ ।

**ଘ –ଏଣ୍ଡୁଅର ଉପଦେଶ ଶୁଣି ହାତୀ  କଣ କହିଲା ?**

ଉ -ଏଣ୍ଡୁଅର ଉପଦେଶ ଶୁଣି ହାତୀ କହିଲା –ଏଣ୍ଡୁଅଭାଇ ,ଆଜିଠୁ ତୁ ମୋହର ସାଥି –ମୁଁ ତୋହରକଥା ମାନୁଛି ।ସାନ ହେଲେ କଣ ହେଲା ,ତୋ ମୁଣ୍ଡରେ ବଡ ବଡ କଥା ସାଇତା ହୋଇ ରହିଛି ।

# ଅଭ୍ୟାସ -୫ ଛବି ଦେଖି ଖାଲି ଘରେ ଠିକ ଅକ୍ଷରଟି ଲେଖ ।



ଏ -----ଅ



ଗୁ ----ଚି ମୂଷା



ଗେ ------



ମେ ------



କ ------ଇ



ଷ ----



ହ ------

# ଅଭ୍ୟାସ -୫ ଛବି ଦେଖି ଖାଲି ଘରେ ଠିକ ଅକ୍ଷରଟି ଲେଖ |



ଏଣ୍ଡୁଅ



ଗୁଣ୍ଡୁଚି ମୂଷା



ଗେଣ୍ଡା



ମେଣ୍ଢା



କଣ୍ଢେଇ



ଷଣ୍ଢ



ହଣ୍ଡା

# ଅଭ୍ୟାସ -୬ ହାତୀର ଶୁଣ୍ଢକୁ ଣ୍ଢ ଶବ୍ଦ ସହିତ ଓ ଏଣ୍ଡୁଅର ଲାଞ୍ଜକୁ ଣ୍ଡ ଶବ୍ଦ ସହିତ ଯୋଡ






**ଣ୍ଢ**

ମେଣ୍ଢା
ଷଣ୍ଢ
କଣ୍ଢେଇ

**ଣ୍ଡ**

ତୁଣ୍ଡ
ଖଣ୍ଡା
ଖଣ୍ଡ ଖଣ୍ଡ
ଗଣ୍ଡା
ଦଣ୍ଡ
ତେଣ୍ଡା
ମୁଣ୍ଡ
ମଣ୍ଡା
ଅମୃତ ଭଣ୍ଡା

# ଅଭ୍ୟାସ-୭-ଅକ୍ଷର ଯୋଡି ଶବ୍ଦ ଗଢ ଓ ତଳ ଘରେ ଲେଖ




| | | | | | |
|---|---|---|---|---|---|
| ଅ | ଝ | କେ | ଗେ | ତେ | ଖ |
| ପ | ଥ | କ୍ରୁ | ହ୍ମ | ଲ | |

# ଅଭ୍ୟାସ-୭-ଅକ୍ଷର ଯୋଡି ଶବ୍ଦ ଗଢ ଓ ତଳ ଘରେ ଲେଖ



| | | | | | |
|---|---|---|---|---|---|
| ଅଣ୍ଡା | ଝଣ୍ଡା | କେଣ୍ଡା | ଗେଣ୍ଡା | ଡେଣ୍ଡା | ଖଣ୍ଡା |
| ପଣ୍ଡା | ଥଣ୍ଡା | କୁଣ୍ଡା | ହଣ୍ଡା | ଲଣ୍ଡା | |

# ଗୃହକର୍ମ

## ଅଭ୍ୟାସ -୮ କୁ ଖାତାରେ କର ।



# ଲବ୍ଧ ଜ୍ଞାନର ଫଳାଫଳ-

ପିଲାମାନଙ୍କର ଶ୍ରବଣ,କଥନ ଓ ଲିଖ.
ଶୈଳୀର ଅଭିବୃଦ୍ଧି ଘଟିବ |



# THANKING YOU

# ODM EDUCATIONAL GROUP